# ସିନ୍ ରିକ୍ରିଏସନ୍ ବେଳେ ଅଭିଯୁକ୍ତଙ୍କୁ ଛେଚିଲେ ଲୋକେ

**ପୁରୀ,୩୦।୩(ସମିସ):** ଅଭିଯୁକ୍ତ କିପରି ଘଟାଇଥିଲା ଅପରାଧ। ଏହାର ସିନ୍ କ୍ରିଏସନ ପାଇଁ ପୁଲିସ ସୁରକ୍ଷା ମଧ୍ୟରେ ଘଟଣାସ୍ଥଳକୁ ଆସିଥିଲା। ହେଲେ ଘଟଣାସ୍ଥଳରେ ହିଁ ଅଭିଯୁକ୍ତଙ୍କୁ ନିସ୍ତୁକ ମାଡ଼ ମାରିଲେ କିଛି ଯୁବକ। ଥାନା ଗାଡ଼ିରୁ ଘୋଷାଡ଼ି ତଳେ ଗଡ଼ାଇ ମାଡ଼ ମାରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍



ହୋଇଥିବାବେଳେ ଏହାକୁ ନେଇ ସାଧାରଣରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସ ହେପାଜତରେ ଥିବାବେଳେ ଅଭିଯୁକ୍ତକୁ ଟାଣିନେଇ ମାଡ଼ ମାରିବା ନେଇ ପେଣ୍ଟକଟା ମେରାଇନ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଏକ ମାମଲା (ନଂ.୩୫/୨୬) ରୁଜୁ କରି ତଦନ୍ତ ଚଳାଇଛି।

କଣାସ ବ୍ଲକ୍ ଗଡ଼ିଶାଗଦା ଥାନା ଅଞ୍ଚଳରେ ଘଟିଥିବା ଫିଲ୍ମନ ହତ୍ୟା ଘଟଣାରେ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। କିନ୍ତୁ ହତ୍ୟାକାଣ୍ଡର ୫୦ ଦିନ ପରେ ବି ଶବ ଠାବ କରାଯାଇନାହିଁ। ଅଭିଯୁକ୍ତ ବାବୁ ବେହେରାକୁ ଧରି ରବିବାର ସେଠାକାର ପୁଲିସ ଅଗ୍ନିଶମ ବିଭାଗ ସହାୟତାରେ ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ନୂଆନଈରେ ଦୀର୍ଘ ସମୟ ଖୋଜାଖୋଜି କରିଥିଲେ। ଏହି ସମୟରେ କିଛି ଉତ୍ୟକ୍ତ ଲୋକେ ହଠାତ୍ ପୁଲିସ କବଳରୁ ଅଭିଯୁକ୍ତଙ୍କୁ କିଛି ସମୟ ପାଇଁ ଛଡ଼ାଇ ନେଇ ମାଡ଼ ମାରିଥିଲେ। ଏପରି କି, ପୁଲିସ ଅଭିଯୁକ୍ତ ବାବୁକୁ ଲୋକଙ୍କଠାରୁ ନେଇ ଗାଡ଼ିରେ ବସାଇଥିଲା। ତଥାପି ଲୋକେ ଗାଡ଼ିରୁ ଭିଡ଼ି ନେଇ ମାଡ଼ ମାରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍

**ଭିଡିଓ ଭାଇରାଲ; ଥାନାରେ ମାମଲା**

ହୋଇଥିବାବେଳେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେହି କେହି ଅଭିଯୁକ୍ତକୁ ମାଡ଼ ମରାଯିବାକୁ ସମର୍ଥନ କରୁଥିବାବେଳେ ଆଉ କେହି ଏହାକୁ ବିରୋଧ କରିଛନ୍ତି। ଦୋଷୀକୁ ଦଣ୍ଡ ଦେବା ପାଇଁ ଆଇନ ରହିଛି। ହେଲେ ଲୋକେ ଆଇନକୁ ହାତକୁ ନେବାକୁ କିଏ ବୋଲି ସେମାନେ ମତ ରଖିଥିବାବେଳେ ଅଭିଯୁକ୍ତକୁ ପୁଲିସ ସିନ୍ ରିକ୍ରିଏସନ୍ ପାଇଁ ଆଣୁଥିବାବେଳେ ସେହିଭଳି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା କଥା ବୋଲି କହିଛନ୍ତି। ଏହାରି ଭିତରେ ପେଣ୍ଟକଟା ମେରାଇନ୍ ଥାନାରେ ଯେଉଁମାନେ ଅଭିଯୁକ୍ତକୁ ମାଡ଼ ମାରିଛନ୍ତି ତାଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ହତ୍ୟାକାଣ୍ଡର ୫୦ ଦିନ ପରେ ଶବର ସନ୍ଧାନ ପାଉନି ପୁଲିସ

**କଣାସ,୩୦।୩(ସମିସ):** ପ୍ରେମ କରି ବାହା ହୋଇ ଶେଷରେ ଜୀବନ ହରାଇଛନ୍ତି। ତାହା ପୁଣି ନିଜ ଶଶୁର ହାତରେ ହତ୍ୟାର ଶିକାର ହୋଇଛନ୍ତି। ମୃତକ ଜଣକ ହେଲେ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା କରୁକୁଡୁପା ଗ୍ରାମର ଫିଲମନ ଦିଗାଲ। ସ୍ୱାମୀଙ୍କୁ ନିଜ ବାପା ହତ୍ୟା କରିଥିବା ନେଇ ଝିଅ ଝାନ୍ସୀ ବେହେରା ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହତ୍ୟାକୁ ଦୀର୍ଘ ୫୦ ଦିନ ବିତିଯାଇଥିଲେ ମଧ୍ୟ ଫିଲ୍ମନଙ୍କ ମୃତଦେହକୁ ଠାବ କରିପାରିନି ପୁଲିସ।



ପ୍ରକାଶ ଯେ, କୃଷ୍ଣପ୍ରସାଦର ବ୍ଲକ୍‌ର ମୋହନ ବେହେରାଙ୍କ ଝିଅ ଝାନ୍ସୀ ବେହେରାଙ୍କୁ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା କରୁକୁଡୁପା ଗ୍ରାମର ଫିଲ୍ମନ ଦିଗାଲ ପ୍ରେମ ବିବାହ କରିଥିଲେ। ଉଭୟ ଦମ୍ପତି କଣାସ ବ୍ଲକ୍ କୋଟକଣା ଛକରେ ଏକ ଭଡ଼ା ଘରେ ରହୁଥିଲେ। କ୍ରୋଧରେ ଜର୍ଜରିତ ଶଶୁର ମୋହନ ବେହେରା ଗତ ଫେବୃଆରୀ ୯ ତାରିଖରେ ଜ୍ୱାଇଁଙ୍କ ଭଡ଼ାଘରେ ପହଞ୍ଚି ବଜାରକୁ ଯିବା ବୋଲି କହି ଡାକି ନେଇଥିଲେ। ମଝି ରାସ୍ତାରେ ଝାଡ଼ା ବସିବା କଥା କହି ଶଶୁର ମୋହନ ଖସିଯାଇଥିବାବେଳେ ପୂର୍ବ ଯୋଜନା ମୁତାବକ ୪/୫ ଜଣ ବ୍ୟକ୍ତି ଫିଲମନଙ୍କୁ ଅପହରଣ କରି ନେଇ ମାରି ଦେଇଥିବା ତାଙ୍କ ପତ୍ନୀ ଝାନ୍ସୀ ବେହେରା ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ତଦନ୍ତ କରି ଅପହରଣ କରିଥିବା ଶଶୁର ମୋହନଙ୍କୁ ମାସେ ପରେ ରାଜ୍ୟ ବାହାରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗତ ୩ ଦିନ ହେଲା ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୁଲିସ ରାଜ୍ୟ ବାହାରୁ ଗିରଫ କରି ଫିଲ୍ମନଙ୍କ ମୃତଦେହ କେଉଁଠାରେ ପକାଇଛନ୍ତି ସେ ସ୍ଥାନ ଦେଖାଇବାକୁ ପଚରାଉଚରା ଚାଲିଛି। ହତ୍ୟାକାଣ୍ଡ ପରେ ନୂଆ ନଈରେ ଫିଲ୍ମନଙ୍କ ଶବକୁ ପକାଇଥିବା କହିବାରୁ ଆସାମୀମାନଙ୍କୁ ଘଟଣାସ୍ଥଳକୁ ନେଇ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଦ୍ୱାରା ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇ ପୁଲିସ ନିରାଶ ହୋଇ ଫେରିଆସିଛି।

## ଦୁଇ ବାଇକ୍ ମୁହାଁମୁହିଁ; ୨ ଆହତ

**ନୟାହାଟ,୩୦।୩(ସମିସ):** ନୟାହାଟରୁ ଚାରିଛକ ରାସ୍ତାର ସିଙ୍ଗପାନିଆଁ ପେଟ୍ରୋଲ ଟାଙ୍କି ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁଇ ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କ ଘର ଯୋଗେଶ୍ୱରପୁର ବିସ୍କୁଟ ବ୍ୟବସାୟୀ ଅନାମ ସାହୁ ବୋଲି ଜଣାପଡ଼ିଛି। ଦୁଇ ଆହତଙ୍କୁ ଭୁବନେଶ୍ୱର ଚିକିତ୍ସା ପାଇଁ ପଠାଯାଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଦୁଇଟି ଗାଡ଼ିକୁ ଜବତ କରିଛନ୍ତି।

● ଖଣି ମାଫିଆଙ୍କ ମଧ୍ୟରେ ବିବାଦ;

## ଜେସିବି ପୋଡ଼ି ଘଟଣାରେ ଜଣେ ଗିରଫ

**ଡେଲାଙ୍ଗ,୩୦।୩(ସମିସ):** ଡେଲାଙ୍ଗ ଥାନା ଅଧୀନ ଗୋଡିପୁଟ-ମାଟିଆପଡ଼ା ପଞ୍ଚାୟତର ବରପଦା ତାଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଥିବା ଏକ ଖଣିରେ ଗତ ୨୭ ତାରିଖ ସକାଳୁ ୨ଟି ଜେସିବି ମେସିନ୍ ଜଳୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିଥିଲା। ଏନେଇ ଖବର ପ୍ରକାଶ ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲା। ପରେ ୨ଟି ଜେସିବି ପୋଡ଼ି ନେଇ କଣାସ ଥାନା ଅଞ୍ଚଳର ନିରଞ୍ଜନ ପରିଡ଼ା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏନେଇ ମାମଲା ରୁଜୁ କରିବା ସହିତ ଜେସିବି ପୋଡ଼ି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତକୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା। କୌଣସି ସୂତ୍ରରୁ ଖବର ପାଇ ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ ହରିପୁର ଗ୍ରାମ ନିକଟ ଏକ ଜଙ୍ଗଲିଆ ସ୍ଥାନରେ ଲୁଚିଥିବା ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ଜଣକ ହେଲେ ବିଶ୍ୱଜିତ୍ ସାମନ୍ତରାୟ(ନିଲୁ)। ଡେଲାଙ୍ଗ ପୁଲିସ ନିଲୁକୁ ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପୂର୍ବରୁ ନିଲୁ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି।

ସୂଚନା ଥାଉକି, ଉକ୍ତ ବେଆଇନ ଖଣି ଯୋଗୁଁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବେଆଇନ ଖଣି ଖନନକୁ ନେଇ ଦୀର୍ଘଦିନ ଧରି ସେଠାରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିବାବେଳେ ଖଣି ମାଫିଆମାନଙ୍କ ମଧ୍ୟରେ ବିବାଦକୁ ନେଇ ଗତ ଶୁକ୍ରବାର ସକାଳୁ ସେହି ସ୍ଥାନରେ ଜେସିବି ପୋଡ଼ା ଘଟଣା ଘଟିଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ଅଦ୍ୟାବଧି ଚାପା ଉତ୍ତେଜନା ଲାଗିରହିଥିବା ବେଳେ ସେଠାରେ ପୁଲିସ ଫୋର୍ସ ମୁତୟନ ରହିଥିବା ଓଆଇସି ଶ୍ରୀମତୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଅନ୍ୟପଟେ ଜେସିବି ୨ଟି ଏହି ସ୍ଥାନକୁ କେଉଁ କାରଣରୁ ଆସିଥିଲା ଓ ଉଭୟ ମେସିନ ଖଣି ଖୋଳାରେ ନିୟୋଜିତ ରହିଥିଲେ ନା ନାହିଁ ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ୨.୭୪ ଲକ୍ଷ ଟଙ୍କା ଜବତ; ଦୁଇ ଗିରଫ



**ନିମାପଡ଼ା,୩୦।୩(ସମିସ):** ନିମାପଡ଼ା ପୁଲିସ ସୋମବାର ନିମାପଡ଼ା ବଜାରରୁ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୨ଲକ୍ଷ ୭୪ ହଜାର ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତ ଗୁରୁବାର ଏହି ଥାନା ଅନ୍ତର୍ଗତ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ଜଗବନ୍ଧୁ ପ୍ରଧାନ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଯାଉଥିବା ସମୟରେ ଓଡେ ଛକ ନିକଟରୁ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ୍‌ଟିକୁ ଝାମ୍ପି ନେଇ ପଳାଇଥିଲେ। ପରେ ଜଗବନ୍ଧୁ ସେଠାରୁ ଆସି ନିମାପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ସେହିଦିନଠାରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ସୋମବାର ଦୁଇ ଜଣ ଯୁବକ ସନ୍ଦେହ ଅବସ୍ଥାରେ ନିମାପଡ଼ା ବଜାରରେ ବୁଲୁଥିବା ସମୟରେ ସୂଚନା ପାଇ ନିମାପଡ଼ା ପୁଲିସ ସେଠାରେ ପହଞ୍ଚି ଦୁଇ ଜଣଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ଟଙ୍କା ବ୍ୟାଗ୍ ନେଇଥିବା ସ୍ୱୀକାର କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ପି. ସୁବାସ (୨୬) ଓ ଏସ୍. ଈଶ୍ୱର (୨୭)। ସେମାନଙ୍କ ଘର ଗଞ୍ଜାମ ଜିଲ୍ଲା କୋଦଳା ଅଞ୍ଚଳରେ ବୋଲି ପୁଲିସ ଜାଣିବାକୁ ପାଇଛି। ସୋମବାର ଉଭୟଙ୍କୁ କୋର୍ଟ ଚାଲଣ କରାଯାଇଛି।

## ଭାରଗୋଳରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ

**ନୟାହାଟ,୩୦।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ପଞ୍ଚାୟତର ଭାରଗୋଳ ଗ୍ରାମରେ ସୋମବାର ଜଟାଧାରୀ ମଲ୍ଲିକଙ୍କ ଅଗଣାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥଠିଲା। ଜଟାଧାରୀଙ୍କ ବଡ଼ ଭାଇ ଗନ୍ଧର୍ବ ମଲ୍ଲିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ ପଣ୍ଡା, କୃଷ୍ଣ ଚନ୍ଦ୍ର ମଲ୍ଲିକ, କୈଳାସ ଚନ୍ଦ୍ର ସେଠୀ, ଜିତୁ ପାତ୍ର, ଦୀନବନ୍ଧୁ ସାହୁ, ଦୁର୍ଯ୍ୟୋଧନ ସାହୁଙ୍କ ସମେତ ଗୋପ, ବିନିଶିପୁର ପ୍ରମୁଖ ଅଞ୍ଚଳରୁ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ।

## ବଜାରରୁ ନାବାଳିକା ଅପହରଣ ଅଭିଯୋଗ

**ବଳଙ୍ଗା,୩୦।୩(ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମର ଏକ ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ୧୦୨/୨୬ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନାବାଳିକା ଜଣକ ଗତ ୨୩ ତାରିଖ ଦିନ ମଧ୍ୟାହ୍ନରେ ଭାଇ ସହିତ ହରିପୁର ବଜାରକୁ ଯାଇଥିଲା। ଭାଇକୁ ରାସ୍ତା ଉପରେ ଠିଆ କରି କିଛି ଜିନିଷ କିଣିବା ପାଇଁ ବଜାର ଭିତରକୁ ଯାଇଥିଲା। ଏକ ଘଣ୍ଟା ପରେ ଭଉଣୀ ନ ଆସିବାରୁ ଭାଇ ବଜାର ଭିତରକୁ ଯାଇ ଖୋଜାଖୋଜି କରି ଭଉଣୀକୁ ନ ପାଇ କାଳେ ଘରକୁ ଯାଇଥିବ ଭାବି ଫେରି ଆସି ଖୋଜାଖୋଜି କରିଥିଲେ। ଘରେ ନ ପାଇବାରୁ ବନ୍ଧୁବାନ୍ଧବ ଓ ସାଙ୍ଗସାଥିଙ୍କୁ ପଚାରି ବୁଝିଥିଲେ। କୌଣସି ସନ୍ଧାନ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ।

## ଜନଗଣନା-୨୦୨୭ ପାଇଁ ତାଲିମ ଶିବିର

ନିମାପଡ଼ା,୩୦।୩(ସମିସ): ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଓ ଜବରା ହାଇସ୍କୁଲ ପରିସରରେ ରବିବାର ଜନଗଣନା-୨୦୨୭ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୩ଟି ଟିମ୍‌ରେ ୧୫୦ ଜଣ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲ୍‌ଦାର କେ. ଭେଙ୍କେଟେଶ୍ୱର ରାଓ ଏବଂ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ଭୋଇ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୬ ଜଣ ପ୍ରଶିକ୍ଷକ ଉପସ୍ଥିତ ରହି ସମ୍ମିଳିତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେବା ସହିତ ଅତିଥିମାନେ ଜାତୀୟ କାର୍ଯ୍ୟକୁ ନିଷ୍ଠାପର ସହିତ ସମୟ ଅନୁଯାୟୀ କରିବା ପାଇଁ ଆଶାବ୍ୟକ୍ତ କରିଛନ୍ତି। ରବିବାର ଦିନର ଦ୍ୱିତୀୟାର୍ଦ୍ଧରେ ପୁରୀ ଜିଲ୍ଲାସ୍ତରୀୟ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମୂଲ୍ୟବାନ ପରାମର୍ଶ ଦେବା ସହିତ ସମସ୍ତଙ୍କର ପ୍ରଚେଷ୍ଟାରେ ଜନଗଣନା-୨୦୨୭ ନିମାପଡ଼ାରେ ସୁନାମର ସହିତ ସଫଳ କରିବାକୁ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ମୂଳ ଅଧିକାରୀ ଭାବରେ ବିବେଚନା କରି ସଠିକ୍ ନିର୍ଭୁଲ ଓ ନିଷ୍ଠାପର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିଥିବାବେଳେ ଆଗାମୀ ଦିନରେ ଆହୁରି ଦୁଇ ପର୍ଯ୍ୟାୟ ତାଲିମ ଦିଆଯିବ ବୋଲି ନିମାପଡ଼ା ତହସିଲ୍‌ଦାର ସୂଚନା ଦେବା ସହିତ ନିମାପଡ଼ାର ସାଧାରଣ ଜନତା ସମସ୍ତ ଗଣନା ଅଧିକାରୀ ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଉପଯୁକ୍ତ ସହଯୋଗ ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ଗଣନାକାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ଆମ ଦେଶର ବିକାଶରେ ସମସ୍ତଙ୍କ ଭାଗିଦାରୀଙ୍କ ସହଯୋଗ କାମନା କରିଥିଲେ।

## ନିଗମାନନ୍ଦ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଚାରିଛକ,୩୦।୩(ସମିସ): ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର +୩ ତୃତୀୟ ବର୍ଷ ଛାତ୍ରୀମାନଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କର ଶୈକ୍ଷିକ ଉନ୍ନତି କାମନା କରିବା ସହ ଉତ୍ତମ ନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ସ୍ମୃତିଚାରଣ କରିବା ସହ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସମାରୋହରେ ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ଅଧ୍ୟାପିକା ସୁଲୋଚନା ସାହୁ, ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସିପ୍ରାରାଣୀ ମହାପାତ୍ର, ଇଂରାଜୀ ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପିକା ଡ. କୀର୍ତ୍ତିମୟୀ ରାଉତରାୟ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। +୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ବିଦାୟୀ ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଯାତ୍ରା

ଚାରିଛକ,୩୦।୩(ସମିସ): ଚାରିଛକ ନିକଟସ୍ଥ ପାରବସ୍ତସାହି ରତନପୁରର ଗ୍ରାମଦେବତୀ ମା' କୁତାମଚଣ୍ଡୀଙ୍କ ଅଷ୍ଟମ ଜନ୍ମବାର୍ଷିକୀ ମନ୍ଦିର ପ୍ରତିଷ୍ଠା ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞ ପାଇଁ ପ୍ରାଚୀ ନଦୀରୁ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। କର୍ତ୍ତା ଭାବେ ମନୋରଞ୍ଜନ ମହାରଣା ଓ ହରପ୍ରିୟା ମହାରଣା ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ପୁରୁଷ ଓ ମହିଳା ୧୦୮ କଳସ ଯାତ୍ରାରେ ଭାଗନେଇଥିଲେ



ବୋଲି ଆୟୋଜକ ରଶ୍ମି ବାନାର୍ଜୀ କହିଛନ୍ତି। ପଣ୍ଡିତ ଆଶିଷ କୁମାର ମିଶ୍ର ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ସେହିପରି ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅନ୍ତର୍ଗତ ଅମର ପ୍ରସାଦଠାରେ ମା' ବାଇଦେଇଙ୍କ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ୧୦୮ କଳସ ଯାତ୍ରା ବାଇଦେଇ କମିଟିର ସଭାପତି ସତ୍ୟରଞ୍ଜନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ତାପସ ବିଶ୍ୱାଳ ଓ ସାଧନା ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ।

## ସାମ୍ବତ୍ସରିକ ମହୋତ୍ସବ ଓ ସାହିତ୍ୟ ଆସର




**ବ୍ରହ୍ମଗିରି,୩୦।୩(ସମିସ):** ପୁରୀ ଜିଲ୍ଲା ସାତପଡ଼ା ଆଳୁପାଟଣାରେ ଏକ ସାହିତ୍ୟ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଦୟା ପରିଷଦ ଆଳୁପାଟଣାର ପ୍ରତିଷ୍ଠାତା ସାହିତ୍ୟ ଏକାଡେମୀ କବି ଲକ୍ଷ୍ମୀଧର ଜେନାଙ୍କ ପ୍ରଯୋଜନାରେ ଅନୁଷ୍ଠିତ ସାହିତ୍ୟ ସଭାରେ ପୁରୀ ଜିଲ୍ଲାର ପ୍ରତିଷ୍ଠିତ କବି ଓ ସାହିତ୍ୟିକମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଦିଲ୍ଲୀପ କୁମାର ସ୍ୱାଇଁ କହିଥିଲେ ବର୍ତ୍ତମାନ ସମୟରେ ସମାଜରେ ସାହିତ୍ୟିକ ଓ କବିମାନଙ୍କର ଆଦର କମିଯାଉଛି। କିନ୍ତୁ ସାହିତ୍ୟ ସବୁବେଳେ ସମାଜର ହିତ କରିଥାଏ। ଆଦିକବି ସାରଳା ଦାସଙ୍କ ସହିତ ତୁଳନା କରି ଲକ୍ଷ୍ମୀଧର ଜେନା ପଦ୍ମଶ୍ରୀ ପୁରସ୍କାର ପାଇବା ଦରକାର ବୋଲି ମତ ରଖିଥିଲେ। ଉକ୍ତ ସଭାରେ ଧାର୍ମିକ ପତ୍ରିକା "ଧର୍ମଧ୍ୱଜା' ଏବଂ ପୁସ୍ତକ "ବୋଉ'ର ଉନ୍ମୋଚନ ହୋଇଥିଲା। ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି ଶିକ୍ଷକ କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ସଂସଦର ସଭାପତି ବିଷ୍ଣୁପ୍ରସାଦ ଦଳେଇ, ବରିଷ୍ଠ ପ୍ରବଚକ କାଶୀନାଥ ଜେନା, ପ୍ରଧାନଶିକ୍ଷକ ସନାତନ ଜେନା, ରବୀନ୍ଦ୍ର ବାରିକ, ସାତପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜ କିଶୋର ଜେନା, ଆଳୁପାଟଣା ଗ୍ରାମର ମୁରବୀ ଶନିଶ୍ଚର ଜେନା, ବନମାଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପାଲା ଗାୟକଙ୍କୁ ସମ୍ବର୍ଦ୍ଧନା



**କଣାସ,୩୦।୩(ସମିସ):** କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତ ଡିମିରି ଗ୍ରାମର ପାଲା ମଣ୍ଡପରେ ପ୍ରତି ବର୍ଷ ପରି ରାମନବମୀଠାରୁ ବାଦୀ ପାଲା ଅନୁଷ୍ଠିତ ହେଉଛି। ଗାୟକ ଉଜ୍ଜ୍ୱଳଜ୍ୟୋତି ରବିନାରାୟଣ ମିଶ୍ରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଉଛି। ଏହି ପାଲା ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପାଲାର ଦ୍ୱିତୀୟ ରଜନୀରେ ପଣ୍ଡିତ ଗଦାଧର ପୁରୋହିତ ସ୍ମୃତି ସମିତି ତରଫରୁ ଗାୟକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସମିତି ତରଫରୁ ଗାୟକ ଓ ତାଙ୍କର ସାଥୀ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପାଲାପ୍ରେମୀ ସହଯୋଗ କରିଥିଲେ।

## ବିଚାର ବିଭାଗୀୟ ଅଦାଲତ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୩୦।୩(ସମିସ): ସୋମବାର ସ୍ଥାନୀୟ ପେଣ୍ଠପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସତ୍ୟବାଦୀ ବିଚାର ବିଭାଗୀୟ ଅଦାଲତ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିହର ଟଣ୍ଡନ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହାଇକୋର୍ଟର ପୁରୀ ପ୍ରଶାସନିକ ବିଚାରପତି ଜଷ୍ଟିସ୍ କୃଷ୍ଣ ରାମ ମହାପାତ୍ର ଉପସ୍ଥିତ ଥିଲେ। ଏଣିକି ସତ୍ୟବାଦୀ ଅଞ୍ଚଳର ଜମିଜମା ବିବାଦ ଏହି ବିଚାରାଳୟରେ ସମାଧାନ ହେବା ସଙ୍ଗେ ସଙ୍ଗେ ଫୌଜଦାରୀ ମାମଲାର ବିଚାର କାରାଯାଇ ଦଣ୍ଡବିଧାନ ଆଦେଶ କରାଯାଇପାରିବ। ସତ୍ୟବାଦୀରେ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ) ଏବଂ ଜେଏମ୍ଏଫ୍‌ସିଙ୍କ କୋର୍ଟ ଉଦ୍‌ଘାଟନ ସମାରୋହରେ ପୁରୀ ଜିଲ୍ଲା ଜଜ୍ ଆନନ୍ଦ ନାରାୟଣ ମହାରଣା, ରେଜିଷ୍ଟ୍ରାର ସୋଭନ କାନୁନ୍‌ଗୋ, ସତ୍ୟବାଦୀ କୋର୍ଟ ବିଚାରପତି ସିଦ୍ଧାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭର୍ଚୁଆଲ ଜରିଆରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କୋର୍ଟ ପରିଚାଳକ ମଳୟ ରଞ୍ଜନ ଗିରି, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ସୌମ୍ୟରଞ୍ଜନ ମହାଳିକ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ବାର୍ ଆସୋସିଏସନ୍‌ର



ସଭାପତି ବାଳକୃଷ୍ଣ ମହାପାତ୍ରଙ୍କ ସହିତ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଅମ୍ବିକା ଶଙ୍କର ମହାପାତ୍ର, ଏପିପି ସତୀଶ ମିଶ୍ର, ଗୁଣ୍ଡିଚା ବରାଳ, ସୁଶାନ୍ତ କୁମାର ରଥଙ୍କ ସହିତ ପୁରୀ ବାର୍ ଆସୋସିଏସନ୍ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ ଓ ଅନ୍ୟ ସଦସ୍ୟମାନେ ଜିଲ୍ଲା ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବୀରଭଦ୍ର ନୋଡାଲ ବିଦ୍ୟାପୀଠରେ ହୀରକ ଜୟନ୍ତୀ ଉଦ୍‌ଯାପିତ

କାକଟପୁର/ବାଙ୍ଗୁରିଗାଁ/
କୁଣ୍ଢେଇ,୩୦।୩(ସମିସ)

କାକଟପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରିଗାଁସ୍ଥିତ ବୀରଭଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପକ୍ଷରୁ ଆୟୋଜିତ ୨ ଦିନିଆ ହୀରକ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଗବେଷକ ତଥା ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାଶ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପରିଡ଼ା, କିଟ୍ ବିଜ୍ଞାନ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଶିକ୍ଷାବିତ୍ ସତ୍ୟପ୍ରିୟ ବେହେରା, ଆଲୁମ୍‌ନି କମିଟି ସଭାପତି ଭଗବାନ ସାହୁ, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଜେନା, ସୁସାହିତ୍ୟିକ କୃଷ୍ଣ ଚନ୍ଦ୍ର ନାୟକ, ଆଲୁମ୍‌ନି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଏକ




ମହାଦ୍ରୁମ ବଟବୃକ୍ଷ ସଦୃଶ୍ୟ ଓ ମଣିଷ ତିଆରି କାରଖାନା। ଏହାର ସମସ୍ତ ଛାତ୍ରଛାତ୍ରୀ ବିଶାଳ ବୃକ୍ଷର ପତ୍ର ଓ ଡାଳ ସହ ସମାନ। ସମସ୍ତଙ୍କ ଏକତା ଓ ଭଲପାଇବା ଆଜି ହୀରକ ଜୟନ୍ତୀ ସମାରୋହର ଏକ ଗର୍ବ ଓ ଗୌରବର ପ୍ରତୀକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ପୂର୍ବାହ୍ଣରେ ଆଲୁମ୍‌ନି କମିଟି ପକ୍ଷରୁ ଏକ ଭାବର ଆଦାନପ୍ରଦାନର ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସୈଲନ୍ୟ ପାତ୍ର, ଭବାନୀ ସାହୁ, ଅଶୋକ ମହାରଣା, ନଟବର ସାହୁ, ଭଗବାନ ସାହୁ, କୃଷ୍ଣ ନାୟକ, ଗୌର ଚନ୍ଦ୍ର ବିଶ୍ୱାଳ, ମାନସ ବିଶ୍ୱାଳ, ନୃସିଂହ ଚରଣ ବେହେରା, ହୃଷୀକେଶ ବେହେରାଙ୍କ ସହ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୈଳାସ ସେଠୀ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ପୁରସ୍କାର ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଭାପୁର ବିଡିଓଙ୍କ ବେଖାତିର

# ଜନଶୁଣାଣିରେ ଫେରାଦ ଭାପୁର ବ୍ଲକ ଉପାଧ୍ୟକ୍ଷ

ଖଣ୍ଡପଡ଼ା,୩୦ ।୩(ସମିସ)



ଭାପୁର ବ୍ଲକ ଅଧ୍ୟକ୍ଷାଙ୍କୁ ତିନିଦିନ ମଧ୍ୟରେ ଫାଇଲ ଦେବାକୁ ଏହି ମାସ ୯ ତାରିଖ ଭାପୁର ଜନଶୁଣାଣି ସମୟରେ ବିଡିଓଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଏହି ମାସ ୧୬ ତାରିଖରେ ମଧ୍ୟ ଦଶପଲ୍ଲା ଜନଶୁଣାଣିରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରାଯାଇଥିଲା। ମାତ୍ର ୨୧ ଦିନ ପରେ ମଧ୍ୟ ବିଡିଓ ଏହି ନିର୍ଦ୍ଦେଶକୁ ବେଖାତିର କରିବା ସହ ଏହି ଫାଇଲ ଅଧ୍ୟକ୍ଷାଙ୍କୁ ଦେଲେନାହାନ୍ତି। ସୋମବାର ଏ ନେଇ ଖଣ୍ଡପଡ଼ା ଜନଶୁଣାଣିରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ବେଖାତିର ଓ ଦୁର୍ନୀତିଖୋର ମନୋବୃତ୍ତିର ପ୍ରମାଣ ପ୍ରଦାନ କରିଛନ୍ତି। ଏନେଇ ଜିଲ୍ଲାପାଳ ପରବର୍ତ୍ତୀ କ'ଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଜିଲ୍ଲାପାଳ ନିଜ ସମ୍ମାନ ରକ୍ଷା ପାଇଁ ବିଡିଓଙ୍କ ବିରୋଧରେ ପଦକ୍ଷେପ ନେବେ କି ବିଡିଓଙ୍କ ଦୁର୍ନୀତିକୁ ସମ୍ମତି ପ୍ରଦାନ କରୁଛନ୍ତି ତାହା ଜିଲ୍ଲାବାସୀ ଚାତକ ପରି ଚାହିଁ ରହିଛନ୍ତି।

ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନଙ୍କ ବିନା ଦସ୍ତଖତରେ ବିଡିଓ ଫଲ୍ସ ବିଲ୍ ପ୍ରଦାନ କରିଥିବା ଜିଲ୍ଲାପାଳଙ୍କ ନିକଟରେ ଗୁରୁତର ଅଭିଯୋଗ କରିଛନ୍ତି। ଏହି ଫାଇଲ ତାଙ୍କୁ ବିଡିଓ ଦେଖାଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତିନିଦିନ ମଧ୍ୟରେ ଏହି ଫାଇଲ ଅଧ୍ୟକ୍ଷାଙ୍କୁ ଦେବାକୁ ବିଡିଓଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ କ୍ଷମତା ବୃଦ୍ଧି କରିବା ଓ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ କ୍ଷମତା ସଙ୍କୁଚିତ କରିବା ପାଇଁ ଏମଏଲ ଓ ଏମପି ଲ୍ୟାଡ ଭଳି ଟଙ୍କାର ବ୍ୟୟ ସମୟରେ ବ୍ଲକ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ନାହିଁ ବୋଲି ରାଜ୍ୟ ସରକାର ବିଧାନସଭାରେ ବିଧେୟକ ଆଣି ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛନ୍ତି। ଅନେକ କାର୍ଯ୍ୟର ବିଲ ବର୍ତ୍ତମାନ ବି ଅଧ୍ୟକ୍ଷାଙ୍କ ବିନା ଦସ୍ତଖତରେ ପୈଠ ହୋଇ ପାରିବ ନାହିଁ ବୋଲି ନିୟମ ରହିଛି। ଯେପରି ଅର୍ଥ କମିଶନଙ୍କ ଟଙ୍କାର କାର୍ଯ୍ୟ ଭାପୁର ବ୍ଲକରେ ୧୫ ଦଶ ଅର୍ଥ କମିଶନଙ୍କ ଅର୍ଥରେ ଅନେକ କାର୍ଯ୍ୟ ହୋଇଛି ଓ ହେଉଛି। ମାତ୍ର ଏହି ଫାଇଲ ବ୍ଲକ ଅଧ୍ୟକ୍ଷାଙ୍କ ଅଗୋଚରରେ ଓ ବିନା ଦସ୍ତଖତରେ ବିଲ ପୈଠ ହୋଇଛି ବୋଲି ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଆଜି ଜିଲ୍ଲାପାଳ ମଧୁମିତା ରଥଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ଅନୈତିକ ଓ ଦୁର୍ନୀତି ଖୋର ମନୋବୃତ୍ତିର ପ୍ରମାଣ ବୋଲି ସେ ଅଭିଯୋଗ କରିଛନ୍ତି। ସେ ଫାଇଲ ଦେଖିବାକୁ ମାଗିଲେ ମଧ୍ୟ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେଉନାହାନ୍ତି। ଏହି ଫାଇଲ ନ ଦେବାକୁ ସେମାନଙ୍କୁ ବିଡିଓଙ୍କ ନିର୍ଦ୍ଦେଶ ଥିବା କହିଛନ୍ତି। ଯଦି ଫାଇଲରେ ଅଧ୍ୟକ୍ଷାଙ୍କ ଦସ୍ତଖତ ଆବଶ୍ୟକ ନାହିଁ ତେବେ ତାଙ୍କୁ ସରକାର ପ୍ରଦାନ କରିଥିବା ଡିସିବି ତାଙ୍କ ଠାରୁ ନେଇ ଯାଆନ୍ତୁ ବୋଲି ଜିଲ୍ଲାପାଳଙ୍କୁ ସେ କହିଥିଲେ। ଜିଲ୍ଲାପାଳ ଏହି ଅଭିଯୋଗ ପାଇବା ପରେ ତତ୍କାଳ ବିଡିଓଙ୍କୁ ଡାକି ୩ ଦିନ ମଧ୍ୟରେ ଉକ୍ତ ଫାଇଲ ଗୁଡିକ ବ୍ଲକ ଅଧ୍ୟକ୍ଷାଙ୍କୁ ଦେବାକୁ ଲିଖିତ ନିର୍ଦ୍ଦେଶ ଦେବା ସହ ସମସ୍ତ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ମଧ୍ୟ କହିଥିଲେ। ହେଲେ ବିଡମ୍ବନାର ବିଷୟ ଏହି କି ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓ କାହା ବଳରେ ଖୁଲମଖୁଲା ଅଣଦେଖା କରିବାକୁ ସାହସ କରିଛନ୍ତି। ଏହି ଦୁର୍ନୀତିରେ ଶାଶକ ଦଳର ଆଶିର୍ବାଦ ଓ ସହଯୋଗ ରହିଥିବା ଆଲୋଚନା ହେଉଛି। ଜଣେ ବିଡିଓ ଜିଲ୍ଲାପାଳଙ୍କ କ୍ଷମତାକୁ ଏପରି ଖୋଲା ଖୋଲି ଚ୍ୟାଲେଞ୍ଜ ଦେବା ବୋଧହୁଏ ରାଜ୍ୟ ପ୍ରଶାସନିକ ବ୍ୟବସ୍ଥା ରେ ପ୍ରଥମଥର ହୋଇଛି ବୋଲି କୁହାଯାଉଛି। ଏଠାରେ ଜିଲ୍ଲାପାଳଙ୍କ ସମ୍ମାନ ଓ ସ୍ୱଚ୍ଛ ପ୍ରଶାସନ ପ୍ରଦାନ ଜିତ ହେଉଛି କି ଜଣେ ତଳିଆ କର୍ମଚାରୀଙ୍କ ଦୁର୍ନୀତି ମାୟାଜାଲ ବିଜୟ ହେଉଛି ସେ ନେଇ ସବୁଠାରେ ଆଲୋଚନା ହେଉଛି।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୩୦ ।୩(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଏସ୍‌ପି ଏସ୍ ସୁଶ୍ରୀ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ଡ. ଅଭିସାର ପଣ୍ଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, କ୍ଷୁଦ୍ର ଜଳସେଚନ, କୃଷି, ଉଦ୍ୟାନ କୃଷି ଓ ଅନ୍ୟ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ମୋଟ ୧୪୧ଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୨୯ଟି ବ୍ୟକ୍ତିଗତ, ୧୦ଟି ସାମୂହିକ, ୨ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ୫୬ ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ ନିମନ୍ତେ ବିଡିଓ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

● ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ

## ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣ ଓ ଅନଶନ

ନୟାଗଡ଼,୩୦ ।୩(ସମିସ): ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀମାନେ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ଏନେଇ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନେ ନୋଟିସ କରିଥିଲେ। ତଥାପି ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଧାରଣା ଓ ଅନଶନ ଆରମ୍ଭ କରିଛନ୍ତି। ସଂଘ ସଭାପତି ଜୟକୃଷ୍ଣ ଜେନାଙ୍କ



ସୂଚନା ମୁତାବକ, ସଂଘର ଦାବି ପୂରଣ କରିବା ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ, କ୍ଷମତାସୀନ ପ୍ରଶାସନିକ ଅଧିକାରୀ ତଥା ଜିଲ୍ଲାପାଳ ଏବଂ ବ୍ୟାଙ୍କ ସମ୍ପାଦକ ସଂଶୋଧିତ ଷଷ୍ଠ ଓ ସପ୍ତମ ବେତନ କମିଶନ ସୁପାରିସ ଆଧାରରେ ଦରମା ଦେବାରେ ବାଧକ ହୋଇଛନ୍ତି। ଏଣୁ ଏ ନେଇ ସଂଘ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ସପକ୍ଷରେ ରାୟ ମଧ୍ୟ ଶୁଣାଇଛନ୍ତି। ଏହି ରାୟ ପ୍ରକାଶ ପାଇବାର ତିନି ମାସ ବିତି ଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ ନ କରି ବ୍ୟାଙ୍କ୍ କର୍ତ୍ତୃପକ୍ଷ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି। ଏହାର ପ୍ରତିବାଦରେ ବାର୍ଦ୍ଧକ୍ୟର ଚରମ ଦୁର୍ଦ୍ଦଶା ଭୋଗ କରୁଥିବା ପୂର୍ବତନ କର୍ମଚାରୀମାନେ ବ୍ୟାଙ୍କ ସାମ୍ନାରେ ଧାରଣା ଓ ଅନଶନରେ ବସିଛନ୍ତି। କର୍ମଚାରୀମାନେ ଆଇନ ଅମାନ୍ୟ କରୁଥିବା କର୍ମକର୍ତ୍ତାଙ୍କ ବିରୋଧରେ ଆଇନ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭାପୁର,୩୦ ।୩(ସମିସ): ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମରେ ଅବସ୍ଥିତ ରାଜ୍ୟ ସରକାର ଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଦିନ ଅପରାହ୍ନ ରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ର ଶିକ୍ଷୟତ୍ରୀ ସବିତା ମଞ୍ଜରୀ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତ ରଞ୍ଜନ ବେହେରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ରାଜସୁନାଖଳାସ୍ଥ ଡିଆଇଇଟିର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ବିଜିପୁର ପଞ୍ଚାୟତ ସରପଞ୍ଚ ବାସନ୍ତୀ ପରିଡ଼ା, ଶିକ୍ଷୟତ୍ରୀ ବନ୍ଦନା ସାସମଲ,ଶିକ୍ଷକ ନିରଞ୍ଜନ ଦଳବେହେରା,ମଣ୍ଡଳ ସାମ୍ପ୍ରସାରଣ ଅଧିକାରିଣୀ ତୁଳସୀ ବରାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଙ୍କ ପାଇଁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

● ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ଚତୁର୍ଥ ସନ୍ଧ୍ୟା

## 'ଗଙ୍ଗାପାର୍ ବେଶ' ଶ୍ରଦ୍ଧାଳୁଙ୍କ ମନମୋହିଲା

ଓଡ଼ଗାଁ,୩୦ ।୩(ସମିସ): ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ନବଦିନ ବ୍ୟାପୀ ପାଳିତ ହେଉଥିବା ଶ୍ରୀରାମନବମୀ ଯାତ୍ରାର ଚତୁର୍ଥ ସନ୍ଧ୍ୟାରେ "ଗଙ୍ଗାପାର୍ ବେଶ' ଦୃଶ୍ୟ ଭକ୍ତଙ୍କୁ ବିଭୋର କରିଛି। କୈବର୍ତ୍ତଙ୍କ ଦ୍ୱାରା ପ୍ରଭୁ ଶ୍ରୀରାମଙ୍କ ପାଦ ପ୍ରକ୍ଷ୍ୟାଳନ ଓ ଗଙ୍ଗାପାର ଲୀଳାର ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। ପୁରାଣ କଥାନୁସାରେ, ଭକ୍ତବତ୍ସଳ ପ୍ରଭୁ ଶ୍ରୀରାମ ଭକ୍ତଙ୍କ ଇଚ୍ଛା ପୂରଣ ପାଇଁ ଧରାବତାରଣ କରିଥାନ୍ତି। ସତ୍ୟଯୁଗରେ ଭକ୍ତ ଶବରଙ୍କ ଅନାବିଳ ଭକ୍ତିରେ ପ୍ରସନ୍ନ ହୋଇ ପ୍ରଭୁ ତାଙ୍କୁ ଦର୍ଶନ ଦେଇଥିଲେ ଓ ମୋକ୍ଷ୍ୟର ବର ପ୍ରଦାନ କରିଥିଲେ। ପରବର୍ତ୍ତୀ ଜନ୍ମରେ ସେହି ଭକ୍ତ କୈବର୍ତ୍ତ ରୂପେ ଗଙ୍ଗାଘାଟରେ ନୌକା ଧରି ପ୍ରଭୁଙ୍କ ଦର୍ଶନ ଆଶାରେ ଅପେକ୍ଷା କରୁଥିଲେ।



ତ୍ରେତୟାଯୁଗରେ ତାଡକା ବଧ ପରେ ବିଶ୍ୱାମିତ୍ରଙ୍କ ସହ ମିଥିଳା ଯାତ୍ରାକାଳରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଗଙ୍ଗାଘାଟରେ ପହଞ୍ଚିଥିଲେ। ସେଠାରେ ଅପେକ୍ଷାରତ କୈବର୍ତ୍ତ ପ୍ରଭୁଙ୍କ ପାଦ ପ୍ରକ୍ଷାଳନ ପାଇଁ ନିବେଦନ କରିଥିଲେ। ଭକ୍ତର ମନକୁ ପରୀକ୍ଷା କରିବା ପାଇଁ ପ୍ରଭୁ ଏହାକୁ ଏଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ, କୈବର୍ତ୍ତ ଚତୁରତାର ସହ ପଦଧୂଳି ପଡ଼ି ନୌକା ନାଇକା ହେଲେ ଜୀବିକା ଚଳାଇବା କଷ୍ଟକର ହେବ ବୋଲି କହିଥିଲେ। ଏହି ଭାବପ୍ରବଣ ଯୁକ୍ତିରେ ପ୍ରଭୁ ବିବଶ ହୋଇ ପାଦ ପ୍ରକ୍ଷ୍ୟାଳନକୁ ସ୍ୱୀକାର କରିଥିଲେ। ଏହି ଲୀଳାରେ ଭକ୍ତିର ଶ୍ରେଷ୍ଠତା ଓ ଭଗବାନଙ୍କ ଭକ୍ତପ୍ରେମ ସ୍ପଷ୍ଟ ହୋଇଥିଲା। ଯେଉଁ ପାଦକୁ ବ୍ରହ୍ମା, ଶିବ ଆଦି ଦେବତାମାନେ ସହଜରେ ସ୍ପର୍ଶ କରିପାରନ୍ତିନି, ସେହି ପାଦକୁ ସାଧାରଣ କୈବର୍ତ୍ତ ସ୍ପର୍ଶ କରିବାରେ ସଫଳ ହେବା ଭକ୍ତିର ମାହାତ୍ମ୍ୟକୁ ପ୍ରକାଶ କରିଥିଲା। ଏହି ଅବସରରେ ଭକ୍ତମାନେ ରାମାୟଣର ଏହି ପବିତ୍ର କଥାରୁ ନିଷ୍କାମ ଭକ୍ତି, ପ୍ରେମ ଓ ବିଶ୍ୱାସର ପାଠ ଗ୍ରହଣ କରିଥିଲେ। ସମାଜରେ ଏହି ମୂଲ୍ୟବୋଧ ଅନୁସରଣ କଲେ "ରାମରାଜ୍ୟ'ର ଅନୁଭୂତି ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା।

### ସୋଲାର ପ୍ରକଳ୍ପ ଆଳରେ ଜମି ମାଡ଼ିବସିବା ଘଟଣା

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

ଖଣ୍ଡପଡ଼ା,୩୦ ।୩(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ସିଙ୍ଘାପଡ଼ା ପଞ୍ଚାୟତରେ ସୋଲାର ପ୍ରକଳ୍ପ ଆଳରେ ଜମି ମାଡ଼ିବସିବା ଘଟଣାକୁ ନେଇ ଆଜି ସ୍ଥାନୀୟ ସରପଞ୍ଚ ସୁନୀଲ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ରମାକାନ୍ତ ସେଠି ଓ ବୁଦ୍ଧିଜୀବୀ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ରାଜସ୍ୱ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଜିଲ୍ଲାପାଳ, ତହସିଲଦାରଙ୍କୁ ଅଭିଯୋଗ କରିଥିବା ଜଣାପଡିଛି। ଏନେଇ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିବା ବେଳେ ଏବେ ଆନ୍ଦୋଳନକୁ ଓହ୍ଲାଇବା ନିମନ୍ତେ ଚେତାବନୀ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚାୟତ ଅଧୀନ ହରିହରପ୍ରସାଦ ଗ୍ରାମରେ ଖାତା ନଂ-୧୭୪, ବରଗଣ୍ଡ ଓ ଦଉପୋଖରୀ ମୌଜାର ଖାତା ନଂ-୧୮୮ ଏବଂ ନୂଆଗାଁ ମୌଜାର ଖାତା ନଂ- ୧୮୦ ଭଳି ଏକାଧିକ ଜମିକୁ ମାଫିଆ ମାନେ ଜବରଦଖଲ କରିଛନ୍ତି। ସାପୁଆ ସଂରକ୍ଷିତ ଜଙ୍ଗଲ ପାଖରେ ଥିବା ଉକ୍ତ ଅଞ୍ଚଳରେ ଭୁବନେଶ୍?ର ଅଞ୍ଚଳର ଜୈନେକ ବ୍ୟକ୍ତି ସୋଲାର ପ୍ରକଳ୍ପ ନିର୍ମାଣ ଆଳରେ ଏକର ଏକର ଜମି ମାଡିବସିଥିବା ନୟାଗଡ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ବାବଦରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାରଙ୍କ ଜରିଆରେ ଜମି ମାପଚୁପ ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ମାତ୍ର ଏ ଦିଗରେ ୨ ମାସ ବିତିଥିବା ବେଳେ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ସିଙ୍ଘାପଡ଼ା ରାଜସ୍ୱ ନିରୀକ୍ଷକଙ୍କ ଦ୍?ାରା ପ୍ରାରମ୍ଭିକ ସର୍ଭେରେ ଚକିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। କିଛି ବ୍ୟକ୍ତି ସୋଲାର ପ୍ରକଳ୍ପ ଏବଂ ଫାର୍ମ ହାଉସ ନିର୍ମାଣ ଆଳରେ ଏକାଧିକ ମୌଜାରେ ଏକର ଏକର ଜମି ଜବରଦଖଲ କରି ରଖିଛନ୍ତି। ରାଜସ୍ୱ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପ୍ରଦୀପ କୁମାର ପଣ୍ଡା ଏବଂ ଦେବଯାନୀ ପଣ୍ଡା ସିଙ୍ଘାପଡ଼ା ପଞ୍ଚାୟତରେ ପ୍ରାୟ ୨୦ ଏକରରୁ ଊର୍ଦ୍ଧ୍? ଜମି ଅକ୍ତିଆର କରି ରଖିଥିବା ସୂଚନା ମିଳିଛି। ତେବେ ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାନଗଲେ ପଞ୍ଚାୟତ ବାସିନ୍ଦା ତହସିଲ ଅଫିସ ଘେରିବା ସହିତ ଆମରଣ ଅନଶନ କରିବେ ବୋଲି ଲିଖିତ ଚେତାବନୀ ଦେଇଛନ୍ତି।



## ଅଟୋ ସହ ୪ ଗୋରୁ ଜବତ, ୨ ଅଟକ

କଣ୍ଟିଲୋ,୩୦ ।୩(ସମିସ): ରବିବାର ରାତ୍ରି ପ୍ରାୟ ୧୦ଟାରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ସେତୁ ନିକଟରୁ କଣ୍ଟିଲୋ ପୁଲିସ ୪ଗୋରୁ ବୋଝେଇ ହୋଇଥିବା ଏକ ଟ୍ରଲି ଅଟୋ ଜବତ କରିଛି। ନିତିଦିନିଆ ପାଟ୍ରୋଲିଂ ବେଳେ ସିଧାମୂଳା ସେତୁ ଉପରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ଓ କର୍ମଚାରୀ ଉକ୍ତ ଗୋରୁ ଗାଡି କୁ ଅଟକାଇ ଜବତ କରିବା ସହ ବଡବାଣପୁର ଗ୍ରାମର ସୁବ୍ରତ କୁମାର ପ୍ରଧାନ ଓ ଚୈତନ୍ପୁର ଗ୍ରାମର ବ୍ରଜବନ୍ଧୁ ପ୍ରଧାନ ୨ଜଣଙ୍କୁ ଗିରଫ କରି କେସ ନମ୍ବର ୮୬/୨୬ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୋରୁ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଗୋ ଶାଳା ରେ ଥଇଥାନ କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ଉପ-କୋଷାଗାର କିରାଣି





ଖଣ୍ଡପଡ଼ା,୩୦ ।୩(ସମିସ): ଦୀର୍ଘଦିନ ଧରି ବିବାଦରେ ଥିବା ଖଣ୍ଡପଡ଼ା ଉପ-କୋଷାଗାର ବରିଷ୍ଠ କିରାଣି ସରୋଜ କୁମାର ସାହୁ ସୋମବାର ଜଣେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କଠାରୁ ପେନସନ ବାବଦ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ହୋଇଛନ୍ତି। ସାହୁଙ୍କ ନାମରେ ଆଗରୁ ବହୁ ସଙ୍ଗୀନ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଜଣେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପେନସନ କରାଇବା ନିମନ୍ତେ ସାହୁ ପୂର୍ବରୁ ୪ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ତେବେ ଆଉ ୩ ହଜାର ଟଙ୍କା ନ ଦେଲେ ପେନସନ କରାଇ ନ ଦେବା ପାଇଁ ଧମକ ଦେଇଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ ସହ ଯୋଗାଯୋଗ କରିବା ପରେ ପୂର୍ବ ଯୋଜନା ମୁତାବକ ସୋମବାର ତାଙ୍କ ସରକାରୀ କାର୍ଯ୍ୟାଳୟରେ ୩ ହଜାର ଟଙ୍କା ଲାଞ୍ଚ ନେବା ବେଳେ ନୟାଗଡ଼ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପରେ ଭିଜିଲାନ୍ସ ଟିମ ଖଣ୍ଡପଡ଼ା ଉପ-କୋଷାଗାର କାର୍ଯ୍ୟାଳୟରେ ସାହୁଙ୍କ ଉପସ୍ଥିତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଫାଇଲ ଛାନଭିନ୍ କରିବା ପରେ ବହୁ ଜରୁରୀ କାଗଜପତ୍ର ଜବତ କରିଛି। ସାହୁଙ୍କ ଆୟ ବହିର୍ଭୂତ ସମ୍ପତ୍ତି ବିଷୟରେ ଅଧିକ ଖୋଳତାଡ଼ ପାଇଁ ଖଣ୍ଡପଡ଼ା ତଳଛକ ନିକଟ ପ୍ରେସ କଲୋନୀରେ ଥିବା ତାଙ୍କ ବାସଭବନରେ ଭୁବନେଶ୍ୱରର ଏକ ଭିଜିଲାନ୍ସ ଟିମ ଚଢ଼ାଉ କରି କିଛି ଗୁରୁତ୍ୱପୂର୍ଣ୍ଣ କାଗଜାତ, ଟଙ୍କା ଓ ସୁନା ଅଳଙ୍କାର ଜବତ କରିଛି।

## ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ ସଭା

ଗଣିଆ,୩୦ ।୩(ସମିସ): ଗଣିଆ ବ୍ଲକ ବନମାଳୀ ବାରିକି ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ସମ୍ପାଦକ କାଶିନାଥ ବାରିକଙ୍କ ସ୍ମୃତି ଚାରଣ ସଭା ସ୍ଥାନୀୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉକ୍ତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ କୁଳମଣି ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସେଣ, ବରିଷ୍ଠ ଶିକ୍ଷକ ବାମନ ଚରଣ ବାରିକି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ଶିକ୍ଷାବିତ ସିପ୍ରା କାନୁନଗୋ, ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସୁକାନ୍ତ ଶତପଥି, ମାୟାଧର ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସାମୁହିକ ବେଦପାଠ ଏବଂ ନିରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ବାରିକଙ୍କ ସ୍ମୃତି ଚାରଣ କରିଥିଲେ। ଜଣେ ମୁକୁଟ ବିହୀନ ରାଜା ହିସାବରେ ଶ୍ରୀ ବାରିକ ଆଡକଟାରେ ଘରେ ଘରେ ପରିଚିତ ଥିଲେ। ଶିକ୍ଷା ଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସବୁର ଉନ୍ନତି ପାଇଁ ସେ ଅହରହ ଚେଷ୍ଟା କରି ଆସୁଥିଲେ। ଆଡକଟାରେ କଲେଜଟିଏ ନିର୍ମାଣ କରିବା ପାଇଁ ସେ ଅହରହ ଉଦ୍ୟମ କରି ୧୯୯୨ ମସିହାରେ ସଫଳ ହୋଇଥିଲେ। ଆଜି ତାଙ୍କ ଅବର୍ତ୍ତମାନରେ ଗାଁ ସଭାଠାରୁ ମନ୍ଦିର ପର୍ଯ୍ୟନ୍ତେ ସମସ୍ତେ ଝୁରୁଛନ୍ତି ବୋଲି ତାଙ୍କ ସହିତ ବିତାଇଥିବା ସହପାଠୀ ବର୍ଣ୍ଣନା କରିଥିଲେ। ଭଗବାନ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ଉପସ୍ଥିତ ଜନତା ମତ ଦେଇଥିଲେ। ଜଣେ ରାଜନେତା ଠାରୁ ଆରମ୍ଭ କରି ସାମାଜିକ କର୍ମୀ ହିସାବରେ ସେ ନୟାଗଡ଼ ଜିଲ୍ଲାରେ ଲୋକପ୍ରିୟତା ହାସଲ କରିଥିଲେ।

ମହିଳାଙ୍କୁ ଟଣାଓଟରା ଘଟଣା

## ଦୁଇ ଅଭିଯୁକ୍ତଙ୍କୁ ଜରିମାନା ଆଦେଶ

ନୟାଗଡ଼,୩୦ ।୩(ସମିସ): ଜଣେ ମହିଳାଙ୍କୁ ଟଣାଓଟରା ଘଟଣାରେ ନୟାଗଡ଼ ଜିଲ୍ଲା ଜେଏମ୍‌ଏଫସି କୋର୍ଟ ସୋମବାର ଦୁଇ ଅଭିଯୁକ୍ତଙ୍କୁ ଜରିମାନା ଆଦେଶ ଦେଇଛନ୍ତି। ୨୦୨୦ ମେ ୧୦ରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତ ଇଟାମାଟି ଥାନା ହରେକୃଷ୍ଣପୁର ଗ୍ରାମର ନାରାୟଣ ମଲ୍ଲ ଏବଂ କୃଷ୍ଣଚନ୍ଦ୍ର ମଲ୍ଲଙ୍କୁ ଜରିମାନା ଆଦେଶ ହୋଇଛି। ଜଣେ ମହିଳାଙ୍କ ପୁଅ ଚିଟଫଣ୍ଡ ନେଇ ଯାଇଥିବାରୁ ଟଙ୍କା ଆଦାୟ ପାଇଁ ଗାଁ କୋଠଘରେ ବୈଠକ ହେଉଥିଲା। ବୈଠକରେ ଗାଁର ଉକ୍ତ ମହିଳାଙ୍କୁ ଟଣାଓଟରା କରିବା ସହ ଆକ୍ରମଣ କରାଯାଇଥିଲା। ମହିଳା ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଇଥିଲେ। ଏନେଇ ଇଟାମାଟି ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ଚାର୍ଜସିଟ୍ ଦାଖଲ କରିଥିଲା। ଏହି ଘଟଣାର ବିଚାର କରି କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ଦୁଇଟି ଦଫାରେ ୮ ଶହ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଜେଲ ଦଣ୍ଡାଦେଶ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଏହି ମାମଲାକୁ ପ୍ରାଚୀପ୍ରଭା ନନ୍ଦ ସୁପରଭିଜନ କରୁଥିବା ବେଳେ ଆଇନଜୀବୀ ଆକାଶ ଦାସ ଏବଂ ନୃସିଂହ ପଟ୍ଟନାୟକ ପରିଚାଳନା କରୁଥିଲେ।

### ଭାପୁର ପରେ ଓଡ଼ଗାଁ ବ୍ଲକରେ ବ୍ୟାପକ ଫଲ୍ସ ବିଲ୍

# ସଫେଇ ନାଁରେ ସଫା କରିଦେଲେ ୧.୬୭ ଲକ୍ଷ

ନୟାଗଡ଼,୩୦ ।୩(ସମିସ)

ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତରେ ସରପଞ୍ଚ ଓ ପିଇଓଙ୍କ ମିଲିଭଗତରେ ସଫେଇ ନାଁରେ ୧.୬୭ ଲକ୍ଷ ଟଙ୍କା ଚଳୁ ହୋଇଥିବା ଅଭିଯୋଗ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ କୁରାଳ ପଞ୍ଚାୟତର ବିଭିନ୍ନ ସ୍ଥାନ ସଫେଇ ନାଁରେ ପଞ୍ଚାୟତ ପାଣ୍ଠିରୁ ୧.୬୭ ଲକ୍ଷ ଟଙ୍କା ଫଲ୍ସ ବିଲ୍ ହୋଇଥିବା ଅଭିଯୋଗ ହୋଇଛି। କୁରାଳ ନିକଟ ଦଣ୍ଡୋର ଗାଁରେ ଓଁ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ଏହି ଫଲ୍ସ ବିଲ କରାଯାଇଛି। ସର୍ବମୋଟ ୧ ଲକ୍ଷ ୬୭ ହଜାର ୧୬୦ ଟଙ୍କା ଫଲ୍ସ ବିଲ କରାଯାଇଥିବା ବେଳେ ଏହା ପଛରେ ବ୍ଲକ ଯନ୍ତ୍ରୀ, ପିଇଓ ଓ ସରପଞ୍ଚଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଉକ୍ତ ଏସ୍‌ଏଚ୍‌ଜିକୁ ବିଲ୍ ପ୍ରଦାନ କରାଯିବା ପରେ ସେମାନଙ୍କଠାରୁ ଟଙ୍କା ଫେରସ୍ତ ଅଣାଯାଇଥିବା ଅଭିଯୋଗ ହୋଇଛି। ଏସ୍‌ଏଚ୍‌ଜି ସଭାପତି ରଞ୍ଜିତା ପରିଡ଼ା ଏବଂ ସମ୍ପାଦିକା ମମତା ବେହେରାଙ୍କୁ ହାତ କରି ଏହି ଅର୍ଥ ଚଳୁ କରାଯାଇଛି। ଏନେଇ ସଭାପତି ଓ ସମ୍ପାଦିକାଙ୍କ କଥାରେ ତାଳମେଳ ନ ଥିବା ବେଳେ ଉଭୟ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରିଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀଙ୍କୁ ପଚାରିବାରେ, ଅନ୍ୟ ଲୋକ କାମ କରିଥିଲେ ବୋଲି କହିଛନ୍ତି। ସରକାରଙ୍କ ନିୟମ ଅନୁସାରେ ଏସ୍‌ଏଚ୍‌ଜିକୁ ବିଲ୍ ପ୍ରଦାନ କରାଯାଇଥିବା କହିଛନ୍ତି।

ବାସ୍ତବରେ କୁରାଳ ପଞ୍ଚାୟତରେ ୨୦୨୪-୨୫ ଆର୍ଥିକ ବର୍ଷରେ କୌଣସି ସଫେଇ କାର୍ଯ୍ୟ ହୋଇନାହିଁ। ପୂର୍ବରୁ ଅନେକ ଥର ଏହି ବିଲ୍ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ପୂର୍ବତନ ପିଇଓମାନେ ଏଥିରେ ହାତ ମାରୁ ନ ଥିଲେ। ଯେଉଁଥିପାଇଁ ଗତ ଫେବୃଆରୀ ୨୬ରେ ଉକ୍ତ ସଫେଇ କାମର ଭାଉଚର କରାଯାଇଥିବା ଅଭିଯୋଗ ହୋଇଛି। ଭାଉଚରରେ ପିଇଓ ଏବଂ ସରପଞ୍ଚ ବିଜନ ପାଇକରାୟଙ୍କ ଦସ୍ତଖତ ରହିଛି। ପିଇଓଙ୍କୁ ଘଟଣା ସମ୍ପର୍କରେ ପଚାରିବା ପରେ, ସରପଞ୍ଚ ନିଜ ଆଡ୍ଡୁ ଫୋନ୍ ଜରିଆରେ ସଫେଇ ଦେଇଛନ୍ତି। ବର୍ଷର ବିଭିନ୍ନ ସମୟରେ ସଫେଇ କାର୍ଯ୍ୟ କରାଯାଇଥିବା ଏବଂ ଏଥିରେ କୌଣସି ଫଲ୍ସ ବିଲ୍ ହୋଇ ନ ଥିବା କହିଛନ୍ତି। ଏଭଳି ଭାବେ କୁରାଳ ପଞ୍ଚାୟତରେ ବ୍ୟାପକ ଫଲ୍ସ ବିଲ କରାଯାଇଥିବା ଅଭିଯୋଗ ହୋଇଛି। କୁରାଳ ଭଳି ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଯନ୍ତ୍ରୀ ଓ ପିଇଓଙ୍କୁ ହାତ କରି ଫଲ୍ସ ବିଲ୍ କରାଯାଉଛି। ଭାପୁର ଭଳି ଓଡ଼ଗାଁ ଏବେ ଫଲ୍ସ ବିଲର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଛି। ଭିଜିଲାନ୍ସ ବିଭାଗ ଉକ୍ତ ଘଟଣାର ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



- କୁରାଳ ପଞ୍ଚାୟତରେ ଫଲ୍ସ ବିଲ ଅଭିଯୋଗ
- ୨୦୨୪-୨୫ ବର୍ଷର କାମ, ୨୦୨୬ରେ ବିଲ୍
- ଏସ୍‌ଏଚ୍‌ଜିକୁ ଅସ୍ତ୍ର କରି ଖାଇଗଲେ ସରକାରୀ ଟଙ୍କା

